# NATIONAL NEWS BULLETIN (ODIA)

**30 June - 2024**

**Mid Bulletin : 1.50 p.m.**

---

# ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ କଲେ ଭାବ ବିନିମୟ ।

\- ସାଧାରଣ ନିର୍ବାଚନରେ ସମ୍ବିଧାନ ଓ ଗଣତାନ୍ତ୍ରିକ ବ୍ୟବସ୍ଥାରେ ବିଶ୍ୱାସ ରଖୁଥିବାରୁ ଦେଶବାସୀଙ୍କୁ ଜଣାଇଲେ କୃତଜ୍ଞତା ।

- ଦେଶର ପରବର୍ତ୍ତୀ ସେନାମୁଖ୍ୟ ଭାବେ ଦାୟିତ୍ୱ ଗ୍ରହଣ କଲେ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ।

- ୩ଟି ନୂତନ ଅପରାଧିକ ଆଇନ୍ ଆସନ୍ତାକାଲିଠାରୁ ହେବ ଲାଗୁ ।

ଏବଂ

- ନାଗାଲାଣ୍ଡ ପୌର ପରିଷଦ ନିର୍ବାଚନରେ ଶାସକ ଏନ୍‌ଡିପିପି ବିଜୟୀ ।

---

## ମନ୍ କି ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ତାଙ୍କର ମାସିକ ରେଡ଼ିଓ କାର୍ଯ୍ୟକ୍ରମ ମନ୍ କି ବାତ୍‌ରେ ଦେଶବାସୀଙ୍କ ସହ ଭାବ ବିନିମୟ କରିଛନ୍ତି । ୨୦୨୪ ସାଧାରଣ ନିର୍ବାଚନରେ ସମ୍ବିଧାନ ଏବଂ ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥାରେ ବିଶ୍ୱାସ ରଖିଥିବାରୁ ଦେଶବାସୀଙ୍କୁ କୃତଜ୍ଞତା ଜଣାଇଛନ୍ତି । ୨୦୨୪ ସାଧାରଣ ନିର୍ବାଚନ ବିଶ୍ୱର ସବୁଠାରୁ ବୃହତ୍ ନିର୍ବାଚନ । ଯେଉଁଥିରେ ଦେଶର ୬୫କୋଟି ଲୋକ ମତଦାନ କରିଛନ୍ତି । ସେ କହିଛନ୍ତି ଏଭଳି ନିର୍ବାଚନ ଅନ୍ୟ କୌଣସି ଦେଶରେ କେବେ ହୋଇନାହିଁ । ଏହାସହ ଶ୍ରୀ ମୋଦୀ ନିର୍ବାଚନ ଆୟୋଗ ଏବଂ ମତଦାନ ପ୍ରକ୍ରିୟାରେ ସାମିଲ ହୋଇଥିବା ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି ଆଜି ହେଉଛି ଏକ ମହତ୍ୱପୂର୍ଣ୍ଣ ଦିବସ। ଆଜିର ଦିବସକୁ ହୁଲ୍ ଦିବସ ଭାବେ ପାଳନ କରାଯାଉଛି । ବ୍ରିଟିଶ ଅତ୍ୟାଚାରକୁ ବିରୋଧ କରୁଥିବା ସିଦ୍ଧୟୁ ଏବଂ କାହ୍ନୁଙ୍କ ସାହସ ସହିତ ଏହା ଜଡିତ ବୋଲି ସେ କହିଛନ୍ତି । ଝାଡ଼ଖଣ୍ଡର ସାନ୍ତାଳ ପ୍ରଗଣରେ ୧୮୫୫ ମସିହାରେ ହଜାର ହଜାର ସନ୍ଥାଲ ଲୋକ ବ୍ରିଟିଶ ଶାସନ ବିରୋଧରେ ଲଢ଼େଇ ପାଇଁ ଏକତ୍ରିତ ହୋଇଥିଲେ । ଏହି ସଂଗ୍ରାମରେ ସାହସିକତା ପ୍ରଦର୍ଶନ କରୁଥିବା ସମୟରେ ବୀରସିଦ୍ଧୟୁ ଏବଂ କାହ୍ନୁମାନେ ସହିଦ ହୋଇଥିଲେ । ଏହି ସୁପୁତ୍ରମାନଙ୍କର ବଳିଦାନ ଆଜି ବି ଲୋକମାନଙ୍କୁ ପ୍ରେରଣା ଯୋଗାଉଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ଚଳିତବର୍ଷ ବିଶ୍ୱ ପରିବେଶ ଦିବସରେ 'ଏକ୍ ପେଡ୍ ମା' କେ ନାମ୍' ନାମରେ ଆରମ୍ଭ ହୋଇଥିବା ସ୍ୱତନ୍ତ୍ର ଅଭିଯାନ ସମ୍ପର୍କରେ ନିଜ ମା'ଙ୍କ ସାଥୀରେ ବା ନିଜ ମା'ଙ୍କ ନାମରେ ଏକ ବୃକ୍ଷ ଲଗାଇବାକୁ ଶ୍ରୀ ମୋଦୀ

ଜନସାଧାରଣଙ୍କୁ ଆହ୍ୱାନ କରିଛନ୍ତି । ଲୋକମାନେ ଏହାକୁ ବହୁସଂଖ୍ୟାରେ ସେୟାର କରୁଥିବା ଦେଖି ସେ ଖୁସିବ୍ୟକ୍ତ କରିଛନ୍ତି ।  ସେ ଆହୁରି କହିଛନ୍ତି ଏହି ଅଭିଯାନ ଦ୍ୱାରା ଧରିତ୍ରୀ ମା'କୁ ଲାଭ ମିଳିବା ସହ ଏହାର ସୁରକ୍ଷା ମଧ୍ୟ ହୋଇପାରିବ । ପ୍ରଧାନମନ୍ତ୍ରୀ କହିଛନ୍ତି ଗତ ଦଶନ୍ଧି ମଧ୍ୟରେ ଭାରତରେ ଜଙ୍ଗଲ କ୍ଷେତ୍ରରେ ଅଭୂତପୂର୍ଣ୍ଣ ସମ୍ପ୍ରସାରଣ ହୋଇଛି । ଅମୃତ ମହୋତ୍ସବ ସମୟରେ ୬୦ହଜାରରୁ ଅଧିକ ଅମୃତ ସରୋବର ମଧ୍ୟ ସୃଷ୍ଟି କରାଯାଇଛି ବୋଲି ସେ କହିଛନ୍ତି ।

ଶ୍ରୀ ମୋଦୀ କେରଳର କାର୍ଥୁମ୍ବିଛତାରେ ନିର୍ମିତ ଏକ ବିଶେଷ ଛତା ବିଷୟରେ ଉଲ୍ଲେଖ କରିଛନ୍ତି । ଏହି ଛତାକୁ କେରଳର ଅଟାପଡିରେ ପ୍ରସ୍ତୁତ କରାଯାଉଛି । ପ୍ରଧାନମନ୍ତ୍ରୀ ଏହି ରଙ୍ଗବେରଙ୍ଗର ଛତା ପ୍ରସ୍ତୁତ କରୁଥିବା କେରଳର ଆଦିବାସୀ ମହିଳାଙ୍କୁ ପ୍ରଶଂସା କରିଛନ୍ତି । ଏହାସହ ସାରା ଦେଶରେ ଏହି ଛତାର ଚାହିଦା ବୃଦ୍ଧି ପାଇଥିବାରୁ ଖୁସିବ୍ୟକ୍ତ କରିଛନ୍ତି । ଏହି ଆଦିବାସୀ ସଂପ୍ରଦାୟ ଉଦ୍ୟୋଗର ଏକ ଚମତ୍କାର ଉଦାହରଣ ପ୍ରଦର୍ଶନ କରିବା ସହ ଲୋକାଲ ଲୋକାଲ ଫର ଭୋକାଲର ଭୋକାଲର ସବୁଠାରୁ ବଡ ଉଦାହରଣ ବୋଲି ଶ୍ରୀ ମୋଦୀ କହିଛନ୍ତି । ଆନ୍ଧ୍ରପ୍ରଦେଶର ଅଲୁରି ସୀତାରାମରାଜୁ ଜିଲ୍ଲାରେ ଉତ୍ପାଦିତ ଅରାକୁ କଫି ସମ୍ପର୍କରେ ମଧ୍ୟ ବର୍ଣ୍ଣନା କରି କହିଛନ୍ତି ନିଜର ସ୍ୱାଦ ଓ ସୁଗନ୍ଧ ପାଇଁ ଜଣାଶୁଣା ଏହି ଅରାକୁ କଫି ସହ ଏକ ଲକ୍ଷ ୫୦ହଜାର ଆଦିବାସୀ ପରିବାର ଜଡିତ । ଏହି କଫି ଚାଷ ଚାଷୀଙ୍କ ଆୟକୁ ଦ୍ୱିଗୁଣିତ କରିବା ସହ କୋଣ୍ଡାଡୋରା ଆଦିବାସୀ ସମ୍ପ୍ରଦାୟକୁ ମଧ୍ୟ ଲାଭ ମିଳୁଛି ।

ଯୋଗ ସମ୍ପର୍କରେ ଉଲ୍ଲେଖ କରି ଶ୍ରୀ ମୋଦୀ କହିଛନ୍ତି ସମଗ୍ର ବିଶ୍ୱରେ ଦଶମ ଯୋଗଦିବସ ଉତ୍ସାହର ସହ ପାଳନ କରାଯାଇଛି । ପ୍ରତିବର୍ଷ ଯୋଗଦିବସ ଅବସରରେ ନୂତନ ରେକର୍ଡ ପ୍ରସ୍ତୁତ କରାଯାଉଛି ବୋଲି ସେ କହିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି ନୀଳନଦୀ ଏବଂ ଲୋହିତ ସାଗର କୂଳରେ ଲକ୍ଷଲକ୍ଷ ଲୋକ ଯୋଗ ପ୍ରଦର୍ଶନ କରୁଥିବା ଫଟୋ ଲୋକପ୍ରିୟ ହୋଇଛି । ମାର୍ଶଲ ଦ୍ୱୀପପୁଞ୍ଜର ରାଷ୍ଟ୍ରପତି ମଧ୍ୟ ପ୍ରଥମଥର ପାଇଁ ସେଠାରେ ଯୋଗ ଦିବସର ଆୟୋଜନ କରିଥିଲେ । ଯୋଗଦିବସ ଅବସରରେ ଅଂଶଗ୍ରହଣ କରିଥିବା ସମସ୍ତଙ୍କୁ ଶ୍ରୀ ମୋଦୀ କୃତଜ୍ଞତା ଜଣାଇଛନ୍ତି । ଆସନ୍ତା ମାସରେ ପ୍ୟାରିସ୍ ଅଲମ୍ପିକ୍ ଆରମ୍ଭ ହେବାକୁ ଯାଉଥିବାରୁ ଭାରତୀୟ ଦଳକୁ ଏଥିପାଇଁ ଶୁଭକାମନା ଜଣାଇଛନ୍ତି ।

ଆକାଶବାଣୀର ସଂସ୍କୃତ ସମ୍ବାଦ ପ୍ରସାରଣ ଆଜି ୫୦ବର୍ଷ ପୂରଣ କରିଛି । ଏହି ଅବସରରେ ପ୍ରଧାନମନ୍ତ୍ରୀ ଆକାଶବାଣୀ ପରିବାରକୁ ଶୁଭେଚ୍ଛା ଜଣାଇଛନ୍ତି । ସଂସ୍କୃତକୁ ସମ୍ମାନ ଦେବା ସହ ଦୈନନ୍ଦିନ ଜୀବନ ସହିତ ସଂଯୁକ୍ତ କରାଯିବା ଉଚିତ୍ ବୋଲି ଶ୍ରୀ ମୋଦୀ କହିଛନ୍ତି ।

ଆଉ ଏକ ସପ୍ତାହ ପରେ ପୁରୀରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କର ରଥଯାତ୍ରା ଆରମ୍ଭ ହେବାକୁ ଯାଉଛି । ପ୍ରଭୁ ଜଗନ୍ନାଥଙ୍କ କୃପା ଦେଶବାସୀଙ୍କ ଉପରେ ରହିଥାଉ ବୋଲି ସେ ଆଶା କରିଛନ୍ତି । ଅମରନାଥ ଯାତ୍ରା ଏବଂ ପନ୍ଦରପୁରାଓ୍ୱାରୀ ସମ୍ପର୍କରେ ଉଲ୍ଲେଖ କରି ଏହି ଯାତ୍ରାରେ ଅଂଶଗ୍ରହଣ କରୁଥିବା ସବୁ ଶ୍ରଦ୍ଧାଳୁମାନଙ୍କୁ ସେ ଶୁଭକାମନା ଜଣାଇଛନ୍ତି ।ଭାରତର ସମୃଦ୍ଧ ସଂସ୍କୃତି, ଇତିହାସ ଏବଂ ବିକଶିତ ଭାରତ ପ୍ରୟାସ ପାଇଁ ମନ୍ କି ବାତ୍ ଆଲୋଚନା ଜାରି ରହିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

# ହୁଲ୍ ଦିବସ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ 'ହୁଲ୍ ଦିବସ' ଅବସରରେ ସନ୍ଥଲ ବିଦ୍ରୋହର ବୀର ସଂଗ୍ରାମୀମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ଏକ ପୋଷ୍ଟରେ ରାଷ୍ଟ୍ରପତି କହିଛନ୍ତି ଅନ୍ୟାୟ ବିରୋଧରେ ଐତିହାସିକ ଯୁଦ୍ଧରେ ଲଢ଼ିଥିବା ବୀର ସିଦୋ କାହ୍ନୁ, ଚାନ୍ଦ ଭୈରବ ଏବଂ ଫୁଲୋ ଝାନୋଙ୍କ ଭଳି ସଂଗ୍ରାମୀଙ୍କ ବଳିଦାନ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଛି । ସେ କହିଛନ୍ତି ଏହି ବିପ୍ଳବୀଙ୍କର ଆଦର୍ଶ ସବୁବେଳେ ଦେଶବାସୀଙ୍କ ପ୍ରେରଣାର ଉତ୍ସ ହୋଇ ରହିବ ।

# ଆର୍ମୀ ଚିଫ୍ ଓଥ୍

ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ଆଜି ପରବର୍ତ୍ତୀ ସେନାମୁଖ୍ୟ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ବିଦାୟୀ ସେନାମୁଖ୍ୟ ଜେନେରାଲ ମନୋଜ ପାଣ୍ଡେଙ୍କଠାରୁ ନୂଆଦିଲ୍ଲୀଠାରେ ସେ ଦାୟିତ୍ୱଗ୍ରହଣ କରିଛନ୍ତି । ସ୍ଥଳସେନା ମୁଖ୍ୟ ପଦବୀରୁ ଜେନେରାଲ ପାଣ୍ଡେ ଆଜି ଅବସର ଗ୍ରହଣ କରିଛନ୍ତି ।

୧୯୬୪ ମସିହା ଜୁଲାଇ ପହିଲାରେ ଜନ୍ମଗ୍ରହଣ କରିଥିବା ଶ୍ରୀ ଦ୍ୱିବେଦୀ ୧୯୮୪ ମସିହା ଡିସେମ୍ବର ୧୫ ତାରିଖରେ ଭାରତୀୟ ସେନାର ପଦାତିକ ସ୍ଥଳବାହିନୀ (ଜାମ୍ମୁ-କାଶ୍ମୀର ରାଇଫଲ୍ସ)ରେ ଯୋଗ ଦେଇଥିଲେ । ଦୀର୍ଘ ୪୦ବର୍ଷ ଧରି ସେ ସେନାବାହିନୀରେ ବିଭିନ୍ନ ପଦପଦବୀରେ ଦାୟିତ୍ୱ ନିର୍ବାହ କରିଛନ୍ତି । ୨୦୨୨ରୁ ୨୦୨୪ ପର୍ଯ୍ୟନ୍ତ ସେନା ଉପ-ମୁଖ୍ୟ ଭାବେ ନିଯୁକ୍ତି ପାଇବା ପୂର୍ବରୁ ସେ ପଦାତିକ ବାହିନୀର ମହାନିର୍ଦ୍ଦେଶକ ଏବଂ ଜେନେରାଲ ଅଫିସର କମାଣ୍ଡିଙ୍ଗ ଇନ୍ ଚିଫ୍ (ଉତ୍ତର କମାଣ୍ଡ ମୁଖ୍ୟାଳୟ) ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀରେ ଦାୟିତ୍ୱ

ନିର୍ବାହ କରିଥିଲେ । ସେ ପରମ ବିଶିଷ୍ଟ ସେବାପଦକ, ଅତି ବିଶିଷ୍ଟ ସେବାପଦକ ଆଦିରେ ସମ୍ମାନିତ ହୋଇଥିଲେ ।

## ନିଉ କ୍ରିମିନାଲ ଲ

୩ଟି ନୂତନ ଅପରାଧିକ ଆଇନ୍ ଆସନ୍ତାକାଲିଠାରୁ ଦେଶରେ ଲାଗୁ ହେବାକୁ ଯାଉଛି । ସେଗୁଡ଼ିକ ହେଲା ଭାରତୀୟ ନ୍ୟାୟସଂହିତା ୨୦୨୩, ଭାରତୀୟ ନାଗରିକ ସୁରକ୍ଷା ସଂହିତା ୨୦୨୩ ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମ ୨୦୨୩ । ଏହି ଆଇନ୍‌ଗୁଡ଼ିକ ସମ୍ପର୍କରେ ସଚେତନତା ବୃଦ୍ଧି ଲକ୍ଷ୍ୟରେ କେନ୍ଦ୍ର ସରକାର ପକ୍ଷରୁ ବିଭିନ୍ନ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ଜନସଚେତନତା କାର୍ଯ୍ୟକ୍ରମ ମାନ ଆୟୋଜନ କରାଯାଇଥିଲା । ଏହି ଆଇନ୍ ଗୁଡ଼ିକର ବିଭିନ୍ନ ଦିଗ ଉପରେ ମଧ୍ୟ ବିଶେଷଜ୍ଞଙ୍କ ଠାରୁ ମତାମତ ଗ୍ରହଣ କରାଯାଇ ଆଲୋଚନା କରାଯାଇଥିଲା । ଆଇନ୍ ସଂକ୍ରାନ୍ତରେ ପୁଲିସ ଏବଂ ତଦନ୍ତକାରୀ ସଂସ୍ଥାଗୁଡ଼ିକ ପାଇଁ ମଧ୍ୟ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା ।

ଆକାଶବାଣୀ, ଦୂରଦର୍ଶନ, ସାମାଜିକ ଗଣମାଧ୍ୟମ ତଥା ବିଭିନ୍ନ ପ୍ଲାଟଫର୍ମରେ ଏହି ଆଇନ୍‌ଗୁଡ଼ିକ ସମ୍ପର୍କରେ ଜନସଚେତନତା ବୃଦ୍ଧି ଲକ୍ଷ୍ୟରେ ବିସ୍ତୃତ ଆଲୋଚନା ସହ ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ ମଧ୍ୟ ଆୟୋଜନ କରାଯାଇଥିଲା । ବିଦ୍ୟାଳୟ ଏବଂ ଉଚ୍ଚଶିକ୍ଷା ପାଠ୍ୟକ୍ରମରେ ଏହି ନୂତନ ଆଇନ୍‌କୁ ସାମିଲ କରିବା ପାଇଁ ପଦକ୍ଷେପ ନିଆଯାଉଛି । ଏହି ଆଇନ୍ ଦ୍ୱାରା ନ୍ୟାୟ ପ୍ରକ୍ରିୟା ଅଧିକ ସରଳ ସୁସଂଗତ ହୋଇପାରିବ ।

ସେହିଭଳି ପ୍ରଯୁକ୍ତିବିଦ୍ୟାର ଉପଯୋଗ ଦ୍ୱାରା ତଦନ୍ତ ପ୍ରକ୍ରିୟା ମଧ୍ୟ ଅଧିକ ସହଜ କରିବା ପାଇଁ ଆଇନରେ ବ୍ୟବସ୍ଥା ରହିଛି ।

ମିଳିଥିବା ସୂଚନା ଅନୁଯାୟୀ ୟୁଜିସି, ଏଆଇସିଟିଇ ଓ ସିଏଫ୍ଆଇ ଏବଂ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଭିନ୍ନ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ଆସନ୍ତାକାଲି ଏହି ଆଇନ୍ ଲାଗୁ ହେବା ନେଇ ଦିନିକିଆ କର୍ମଶାଳା, ଆଲୋଚନାଚକ୍ର ଆଦି ଆୟୋଜନ କରାଯାଇଛି ।

## ନାଗାଲାଣ୍ଡ ଇଲେକ୍ସନ

ନାଗାଲାଣ୍ଡର ପୌର ପରିଷଦ ନିର୍ବାଚନରେ ଶାସକ ନ୍ୟାସନାଲିଷ୍ଟ ଡେମୋକ୍ରାଟିକ ପ୍ରୋଗେସିଭ୍ ପାର୍ଟି ଏନ୍‌ଡିପିପି ବିଜୟୀ ହୋଇଛି । କୋହିମା, ମୋକାକଚୁଙ୍ଗ ଏବଂ ଡିମାପୁର ୩ଟିଯାକ ପୌରପରିଷଦକୁ ଏହି ଦଳ ଅକ୍ତିଆର କରିଛି । ପୌରପରିଷଦର ଅଧିକାଂଶ କାଉନ୍‌ସିଲର ପଦବୀରେ ଏନ୍‌ଡିପିପି ବିଜୟୀ ହୋଇଛି । ୨୭୮ଟି ଆସନ ମଧ୍ୟରୁ ୧୫୩ଟିରେ ବିଜୟ ହାସଲ କରି ଏନ୍‌ଡିପିପି ସଂଖ୍ୟାଗରିଷ୍ଠତା ପାଇଛି । ବିଜେପି ୨୫ଟି, ଏନ୍‌ପିଏଏଫ୍ ୧୩ଟି, ଏନ୍‌ସିପି ୧୨ଟି, ଆଇଏନ୍‌ସି ୭ଟି, ଜେଡିୟୁ ଏବଂ ଏନ୍‌ପିପିକୁ ୫ଟି ଲେଖାଏଁ ଏବଂ ଏଲ୍‌ଜେପିକୁ ୨ଟି ଆସନ ମିଳିଛି । ନାଗାଲାଣ୍ଡ ନିର୍ବାଚନ ଅଧିକାରୀଙ୍କ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ ଗତ ୨୬ ତାରିଖରେ ଅନୁଷ୍ଠିତ ହୋଇଥିବା ମତଗ୍ରହଣରେ ୧ଲକ୍ଷ ୮୪ହଜାର ୧୨୬ଜଣ ମତଦାତା ସେମାନଙ୍କର ମତାଧିକାର ସାବ୍ୟସ୍ତ କରିଥିଲେ । ଏହାପୂର୍ବରୁ ୬୪ଜଣ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ । ଏହି ନିର୍ବାଚନରେ ପ୍ରଥମଥର ପାଇଁ ନାଗାଲାଣ୍ଡରେ ୩୩ ପ୍ରତିଶତ ମହିଳାଙ୍କ ପାଇଁ ଆସନ ସଂରକ୍ଷିତ ରହିଥିଲା ।